## ସଂକ୍ଷେପରେ

### ସିପିଆଇ ନେତାଙ୍କ ପରଲୋକ

ବନ୍ତ,୮।୭(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ସିପିଆଇ ଶାଖାର ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ(୭୬)ଙ୍କ ଶନିବାର ରାତିରେ ପରଲୋକ ହୋଇଛି। ଗତ କିଛିଦିନ ହେଲା ସେ ବୟସାଧିକ କାରଣରୁ ଅସୁସ୍ଥ ଥାଇ ଘରୋଇ ଚିକିତ୍ସାରେ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅବୋହୂ, ୨ ଝିଅଜ୍ୱାଇଁ, ନାତିନାତୁଣୀଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସୁରେନ୍ଦ୍ର ଦୀର୍ଘବର୍ଷ ଧରି ଶିକ୍ଷକ ଚାକିରି କରି ଅବସର ନେଇଥିଲେ। ସେ ଛାତ୍ର ଜୀବନରୁ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସିପିଆଇରେ ଯୋଗ ଦେଇଥିଲେ। ଚାକିରିରୁ ଅବସର ପରେ ସେ ଟିଲୋ ପଞ୍ଚାୟତ ସିପିଆଇ ଶାଖା ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଥିଲେ। ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସିପିଆଇର ଟିଲୋ ଶାଖା ସମ୍ପାଦକ ବିଷ୍ଣୁ ଚରଣ ଜେନା, ଜୋନ୍ ସମ୍ପାଦକ ରମେଶ ଜେନା, ବରିଷ୍ଠ ନେତା ଗୋପବନ୍ଧୁ ସେଠୀ, ଭାସ୍କର ବେହେରା, ପରମେଶ୍ୱର ବାରିକ, ଦିଲୀପ ନାୟକ, ଅଭିମନ୍ୟୁ ଜେନା, ସଞ୍ଜୟ ସାମଲ, ଦେବେନ୍ଦ୍ର ସାହୁ, ଜୟନ୍ତ ଜେନା, ନିରଞ୍ଜନ ନାୟକ, ସୁବାସ ବେହେରା, ଉଦୟନାଥ ବାରିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

### ଇସ୍‌ଲାମିକ ନବବର୍ଷ

ଭଦ୍ରକ,୮।୭ (ସନାତନ ରାଉତ)

ଇସ୍‌ଲାମ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ପ୍ରତ୍ୟେକ ପର୍ବ ପାଳନ କରାଯାଏ। ୭ ତାରିଖ ଚନ୍ଦ୍ର ଗଣନା ଅନୁସାରେ ବର୍ଷର ଶେଷ ତାରିଖ ଥିଲା। ସନ୍ଧ୍ୟା ଚନ୍ଦ୍ର ଦର୍ଶନ ପରେ ୮ ତାରିଖ ସୋମବାରକୁ ଇସ୍‌ଲାମ ଧର୍ମର ଚନ୍ଦ୍ରର ପ୍ରଥମ ତଥା ଇସ୍‌ଲାମିକ ନବବର୍ଷ ପାଳନ କରାଯାଇଛି। ଏହି ନବବର୍ଷର ପ୍ରଥମ ୧୦ ଦିନ ଯାଏ ମହରମ ପର୍ବ ପାଳନ ହୁଏ ଏବଂ ସେହି ମାସର ଶେଷ ୧୦ ଦିନକୁ ୟମେ ଆସୁରା ପର୍ବ ପାଳନ କରାଯାଏ। ଯାହାକୁ ବିଶ୍ୱରେ ୟାଦେଁ ଇମାମ ହୋସେନ ରୂପେ ପାଳନ କରାଯାଇଥାଏ। ଏହି ଦିନରେ ଶେଷ ନବୀ ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ ହୋସେନ କରବଲା ମଇଦାନରେ ଶହୀଦ ହୋଇଥିଲେ। ପୁରୁଣାବଜାର ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ଉପସଭାପତି ଶେଖ୍ ଅନୱର ଓ ସମ୍ପାଦକ କଲିମୁଦ୍ଦିନ ଖାନ୍‌ଙ୍କ ନେତୃତ୍ୱରେ ଆୟୋଜିତ ମୁଶାଏରାରେ ଶିରିଣି ଭୋଗ ସହ ସର୍ବତ ବଣ୍ଟନ କରାଯାଇଥିଲା। ହଜରତ ଇମାମ ହୋସେନଙ୍କ ନୀତିବାଣୀ ଉପରେ କବିତା ପାଠ କରାଯାଇଥିଲା।

### ଆଲୋଚନା ପରେ ମିଳିଲା ରାଶନ ଚାଉଳ

ଖଇରା, ୮।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କାକୁଡିଆ ଗ୍ରାମର ଡିଲର ଠିକ୍ ସମୟରେ ସେମାନଙ୍କ ଚାଉଳ ଦେଉ ନ ଥିବା ଓ କିଛି ଲୋକଙ୍କର ଏକାଧିକ ମାସର ଚାଉଳ ବକେୟା ରଖିଥିବା ନେଇ ସୋମବାର ସକାଳେ କିଛି ହିତାଧିକାରୀ ଡିଲର ପଏଣ୍ଟ ଆଗରେ ପାଟିତୁଣ୍ଡ କରିଥିଲେ। ପରେ ଗ୍ରାମବାସୀ ଓ ଡିଲରଙ୍କ ମଧ୍ୟରେ ଆଲୋଚନା ପରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଚାଉଳକୁ ଅତି ଆବଶ୍ୟକ ଥିବା ହିତାଧିକାରୀଙ୍କୁ ବଣ୍ଟାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆସିବାକୁ ଥିବା ଚାଉଳକୁ ବାକି ହିତାଧିକାରୀଙ୍କୁ ପ୍ରଦାନ କରାଯିବା ସହ ପୁରୁଣାରୁ ବାକି ଥିବା ଚାଉଳକୁ ଡିସେମ୍ବର ସୁଦ୍ଧା ପ୍ରଦାନ ପାଇଁ ଆଲୋଚନାରେ ସ୍ଥିର ହୋଇଥିଲା।

### ଗୁଣିଗାରେଡ଼ିରୁ ଟ୍ରିପଲ ମର୍ଡର ଘଟଣା: ଆଉ ୩ କୋର୍ଟଚାଲାଣ

ଔପଦା, ୮।୭(ଧରିତ୍ରୀ ପଣ୍ଡା)

ଔପଦା ଥାନା ବଡ଼ପୋଖରୀ ରାଜସ୍ୱ ଗ୍ରାମ ବରପଦା ଆଦିବାସୀ ବସ୍ତିରେ ୩ଜଣଙ୍କୁ ହତ୍ୟା ଘଟଣାରେ ମଙ୍ଗଳବାର ଆଉ ୩ ସହଯୋଗୀଙ୍କୁ କୋର୍ଟଚାଲାଣ କରାଯାଇଛି। ଗୁଣିଗାରେଡ଼ିକୁ କେନ୍ଦ୍ର କରି ୩ଜଣ ଆଦିବାସୀଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ୩ଜଣ ହେଲେ ବରପଦାର ସଞ୍ଜୁ ସିଂ, ବନମାଳୀ ସିଂ, ନାବାଳକ ହାଉଡ଼ା ଓରଫ ସୁରେଶ ସିଂ। ନାବାଳକ ହାଉଡ଼ା (୧୮)ବର୍ଷ ହୋଇଥିବାରୁ ତାଙ୍କୁ କୋର୍ଟରେ ହାଜର ପରେ ଅନୁଗୋଳସ୍ଥିତ ଜୁଭେନାଇଲ ହୋମ୍‌କୁ ପଠାଯାଇଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି।

# ଉଦ୍‌ଘାଟନ ପରଠୁ କାର୍ଯ୍ୟକ୍ଷମ ହୋଇନି

## ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ

ଭଦ୍ରକ,୮।୭(ସନାତନ ରାଉତ)




ଭଦ୍ରକ ସହର ୧୬ ନଂ ଜାତୀୟ ରାଜପଥର ଛପୁଲିଆ ନିକଟରେ ନିର୍ମିତ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ପରଠାରୁ କାର୍ଯ୍ୟକ୍ଷମ ହୋଇନାହିଁ। ଉଦ୍‌ଘାଟନ ପରେ ଘରୋଇ ବସ୍‌ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡରୁ ବାହାରିବା ନେଇ ସହରବାସୀଙ୍କ ଆଶା ଆଶାରେ ରହିଯାଇଛି।

ଦୀର୍ଘ ୨୦ ବର୍ଷ ତଳେ ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ମଠସାହି ମୌଜାରେ ଥିବା ଏହି ବସ୍‌ଷ୍ଟାଣ୍ଡର ନିର୍ମାଣ ଓ ପରିଚାଳନା ଦାୟିତ୍ୱ ଭଦ୍ରକ ପୌରପାଳିକା ନେଇଥିଲା। ଦେଢ଼କୋଟି ଟଙ୍କାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ବେଳେ ଏହା ବାଦ୍ ବସ୍‌ଷ୍ଟାଣ୍ଡ ପାଇଁ ରାସ୍ତା, ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ ଆଦିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ଘରୋଇ ବସ୍ ମାଲିକ ସଂଘର ଅସହଯୋଗ କାରଣରୁ ନୂଆ ବସ୍‌ଷ୍ଟାଣ୍ଡ ସେତେବେଳେ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବସ୍‌ଷ୍ଟାଣ୍ଡରେ ଯାତ୍ରୀ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ଜାତୀୟ ରାଜପଥରୁ ଷ୍ଟାଣ୍ଡକୁ ବସ୍ ବାହାରିବା ଓ ପଶିବାରେ ଜଟିଳତା ନେଇ ଘରୋଇ ବସ୍ ମାଲିକ ସଂଘ ଷ୍ଟାଣ୍ଡକୁ ବସ୍ ନେବା ପାଇଁ ରାଜି ହୋଇ ନ ଥିଲା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ପରେ ମଧ୍ୟ ଘରୋଇ ବସ୍‌ଗୁଡ଼ିକ ପୂର୍ବପରି ବନ୍ତଛକ ବସ୍‌ଷ୍ଟାଣ୍ଡକୁ ଯାତାୟାତ କରୁଥିଲା। ବନ୍ତଛକ ବ୍ୟସ୍ତବହୁଳ ସ୍ଥାନ ହୋଇଥିବାରୁ ଏଠାରେ ଯାତ୍ରୀ ପରିବହନ ଅସୁରକ୍ଷିତ। ଏହାକୁ ଦୃଷ୍ଟିରେ ରଖି ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ବସ୍‌ଷ୍ଟାଣ୍ଡର ରୂପାନ୍ତରୀକରଣ କରାଯାଇଥିଲା।

ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ସଞ୍ଜୀବ ମଲ୍ଲିକ ଗତ ମାର୍ଚ୍ଚ ୧୨ରେ ଏହାକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ସହରରୁ ବିଭିନ୍ନ ସ୍ଥାନକୁ ଯାଉଥିବା ବସ୍‌ଗୁଡ଼ିକ ଏହି ଷ୍ଟାଣ୍ଡରୁ ଯାତାୟାତ କରିବ ଓ ବନ୍ତଛକରେ ଥିବା ବସ୍‌ଷ୍ଟାଣ୍ଡକୁ ବସ୍‌ଷ୍ଟପ୍ ଭାବେ ବ୍ୟବହାର କରାଯିବ ବୋଲି ପ୍ରସ୍ତାବ ରହିଥିଲା। ଏହାମଧ୍ୟରେ ଉଦ୍‌ଘାଟନକୁ ୪ ମାସ ବିତିଯାଇଥିଲେ ମଧ୍ୟ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଘରୋଇ ବସ୍ ମାଲିକ ସଂଘର ଜିଦ୍ ଆଗରେ ଜିଲା ପ୍ରଶାସନ ଓ ପୌରପାଳିକା ଏକପ୍ରକାର ଅସହାୟ ହୋଇପଡ଼ିଥିବା ପରି ମନେ ହେଉଛି। ଘରୋଇ ବସ୍ ନୂଆ ବସ୍‌ଷ୍ଟାଣ୍ଡରୁ ବାହାରିବା ନେଇ ଥିବା ସେମାନଙ୍କ ଆଶା ସରକାର ବଦଳିବା ପରେ ମଉଳି ଯାଇଛି ବୋଲି ସହରବାସୀ ମତପ୍ରକାଶ କରିଛନ୍ତି।

ଦୀର୍ଘବର୍ଷ ଧରି ବିବାଦ କାରଣରୁ ବନ୍ତଛକ ବସ୍‌ଷ୍ଟାଣ୍ଡର ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ତାଲା ପଡ଼ି ରହିଥିଲା। କିଛିଦିନ ତଳେ ଜିଲା ପ୍ରଶାସନ ହସ୍ତକ୍ଷେପରେ ତାଲା ଭଙ୍ଗାଯାଇ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ହୋଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି କହିଛନ୍ତି, ନୂଆ ବସ୍‌ଷ୍ଟାଣ୍ଡର ପରିଚାଳନା ମୋ ବସ୍ କମିଟି ହାତରେ ରହିଥିବା ବେଳେ ଜିଲାପାଳ ହେଉଛନ୍ତି କମିଟିର ମୁଖ୍ୟ। ସରକାର ବଦଳିବା ପରେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମକୁ ନେଇ ଆଶା ଆଶଙ୍କା ଦେଖାଦେଇଛି। ଅପରପକ୍ଷେ ବନ୍ତଛକରେ ବସ୍‌ଷ୍ଟାଣ୍ଡ ଚାଲିଥିବାରୁ ଉଭୟପଟେ ଥିବା ସର୍ଭିସ୍ ରୋଡ୍ ସବୁବେଳେ ଜାମ୍ ରହୁଛି। ଏହାଦ୍ୱାରା ବନ୍ତଛକରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।

## ଭଦ୍ରକରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ



ଭଦ୍ରକ ସର୍କିଟ୍ ହାଉସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି।

ଭଦ୍ରକ,୮।୭ (ସନାତନ ରାଉତ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ମୟୂରଭଞ୍ଜ ଜିଲା ବାରିପଦା ରଥଯାତ୍ରାରେ ଯୋଗଦେବା ପାଇଁ ଯିବା ବାଟରେ ଭଦ୍ରକରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ସର୍କିଟ୍ ହାଉସରେ ପହଞ୍ଚିବା ପରେ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବିଧାୟକଙ୍କ ସହ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଜିଲାର ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଓ ଆଇନଶୃଙ୍ଖଳା ସ୍ଥିତି ବିଷୟରେ ଆଲୋଚନା କରିଥିଲେ।

## ‘ସମ୍ବର୍ଦ୍ଧନା ନୁହେଁ, ଏହା ଆଶୀର୍ବାଦ’



ସଭାରେ ସମ୍ବର୍ଦ୍ଧିତ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ ଓ ଅନ୍ୟମାନେ।

ଭଦ୍ରକ,୮।୭(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ସୋମବାର ଜିଲାର ନବନିର୍ବାଚିତ ଏମ୍‌ପି ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ବାଇପାସ୍‌ସ୍ଥିତ ଗୁଜୁରାଟୀ ଭବନରେ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର ଏବଂ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକର ବିଭିନ୍ନ ସମସ୍ୟାର ସମାଧାନ ସହ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଏମ୍‌ପି ସେଠୀ ଏବଂ ବିଧାୟକ ମହାପାତ୍ର କହିଥିଲେ। ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏହା ସମ୍ବର୍ଦ୍ଧନା ନୁହେଁ, ଏହା ସେମାନଙ୍କ ପାଇଁ ଆଶୀର୍ବାଦ ବୋଲି କହିଛନ୍ତି। ବାସୁଦେବପୁର ବିଧାୟକ ଦାସ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅବନତି ପାଇଁ ପୂର୍ବ ସରକାରଙ୍କୁ ଦାୟୀ କରି କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ମାଟି ପାଇଁ ଯାହା ଆବଶ୍ୟକ ତାହା ଦଳମତ ନିର୍ବିଶେଷରେ ତାଙ୍କର ସହଯୋଗ ରହିବ ବୋଲି ସେ କହିଥିଲେ। ତେବେ ଏହି ସଭାରେ ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଜେଡିର ୨ ବିଧାୟକ ଅନୁପସ୍ଥିତ ରହିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ହୋଇଥିଲା।

ମହାସଂଘର ଉପଦେଷ୍ଟା ଅଜୟ ନାୟକ ଓ ଅଜୟ ବାରିକ ସଂଯୋଜନା କରିଥିବା ବେଳେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ସ୍ୱାଗତ ଏବଂ ସହସମ୍ପାଦକ ବିଭୂତି ଭୂଷଣ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ରାଧାରାଣୀ ମହାପାତ୍ର। ଜିଲାର ୨୨ଟି ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟ ଓ ଭଦ୍ରକର ୧୮ଟି ପ୍ରମୁଖ ସଙ୍ଗଠନ କର୍ମକର୍ତ୍ତା ସମ୍ବର୍ଦ୍ଧନା ଦେଇଥିଲେ। ଉପସଭାପତି ସଚ୍ଚିକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ବିଜୟ ସେନାପତି, କୈଳାସ ଚନ୍ଦ୍ର ଧଳ, ଇନ୍ଦ୍ରମଣି ପଣ୍ଡା, ଲକ୍ଷ୍ମଣ କୁମାର ମହାନ୍ତି, ପୁରୁଷୋତ୍ତମ ଧଳ, ସୁଧାଂଶୁ ଶେଖର ନାୟକ, ତ୍ରୈଲୋଚନ ବେଉରିଆ, ଦିଲୀପ ନାୟକ, ଭକ୍ତହରି ମହାପାତ୍ର, ଡ. ହକିମୁଦ୍ଦିନ ଖାଁ, ଉପଦେଷ୍ଟା ଏସ୍.ଏମ୍. ଫାରୁକ୍, ଲକ୍ଷ୍ମୀକାନ୍ତ ବାରିକ, ମଧୁସୂଦନ ସାହୁ, ଅମର ପାଣିଗ୍ରାହୀ, ସଂଯୁକ୍ତା ଯାଦବ, ଗୌରାଙ୍ଗ ବାରିକ, ରାମଚନ୍ଦ୍ର କର, ସୁଧାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଜୀବନ ଗଲା

ଚାନ୍ଦବାଲି,୮।୭(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ମହୁଲିଆ ପଞ୍ଚାୟତରେ ରବିବାର ସାପ କାମୁଡ଼ାରେ ଜଗବନ୍ଧୁ ଦାସ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜଗବନ୍ଧୁ ଗାଈ ଆଣିବାକୁ ବିଲକୁ ଯାଇଥିବା ବେଳେ ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଚିକିତ୍ସା ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକ୍ସନ ଦେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସମ୍ବର୍ଦ୍ଧିତ ହେଲେ ବରିଷ୍ଠ ନାଗରିକ, ଗ୍ରାମ ମୁଖ୍ୟ



ମଙ୍ଗଳପୁରରେ ରଥଟଣା ପୂର୍ବରୁ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକ ଓ ଗ୍ରାମ ମୁଖ୍ୟ।

ତିହିଡ଼ି,୮।୭(ସଙ୍ଗୀତ ବଳ)

ପବିତ୍ର ରଥଯାତ୍ରା ଅବସରରେ ତିହିଡ଼ି ବ୍ଲକର ମଙ୍ଗଳପୁର ଗ୍ରାମରେ ବରିଷ୍ଠ ନାଗରିକ ଓ ଗ୍ରାମ ମୁଖ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅପରାହ୍ନରେ ରଥ ଟଣା ହେବା ପୂର୍ବରୁ କବି କୃପାସିନ୍ଧୁ ମହାନ୍ତିଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଜୟୀରାମ ସେଠୀ, ପ୍ରତାପସିଂ ନାୟକ, ହରିଶଙ୍କର ପାତ୍ର, ମହେଶ୍ୱର ବାରିକ, ଦଶରଥ ମଲିକ, ରମେଶ ମହାଲିକ, ଗ୍ରାମ ମୁଖ୍ୟ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ, ଅନାଦି ଚରଣ ବେହେରା, ଦୁର୍ଗାଚରଣ ନାୟକ, ଗଦାଧର ମଲିକ ଓ ରମାକାନ୍ତ ମହାଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପରେ ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ ସେବକ ରୂପେ ରଥରେ ଛେରାପହଁରା କରିଥିଲେ। ୨୦୦୦ରୁ ଗ୍ରାମରେ ଏହି ରଥଯାତ୍ରା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ଗ୍ରାମର ମା’ ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାମାନେ ରଥଟଣା ସମୟରେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରଥ ପରିଚାଳନା କମିଟିର କର୍ମକର୍ତ୍ତା ଲମ୍ବୋଧର ବେହେରା, ମାନସ ମହାଲିକ, ବଳରାମ ବାରିକ, ମୃତ୍ୟୁଞ୍ଜୟ ସେଠୀ, ବୃନ୍ଦାବନ ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ରଥଯାତ୍ରା

ଚାନ୍ଦବାଲି,୮।୭(କିଷାନ ପାତ୍ର)



ରଥଯାତ୍ରା ଦେଖିବାକୁ ଭକ୍ତଙ୍କ ଭିଡ଼।

ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିସ୍ଥିତ ବସ୍‌ଷ୍ଟାଣ୍ଡ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସମସ୍ତ ରୀତିନୀତି ଅନୁସାରେ ଛେରାପହଁରାଠୁ ଆରମ୍ଭ କରି ପହଣ୍ଡି ବିଜେ କରି ରଥାରୂଢ଼ ପରେ ରବିବାର ସନ୍ଧ୍ୟା ୬ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ସେବାୟତ ଓ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମରେ ରଥଟଣା କାର୍ଯ୍ୟ ସମ୍ପାଦନ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଚାନ୍ଦବାଲି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେହିପରି ବାଲିଗାଁ ବିନତରା ଗ୍ରାମର ମହାପ୍ରଭୁ ତ୍ରିପଲ୍ଲୀ ଜଗନ୍ନାଥଙ୍କ ରଥଯାତ୍ରା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଥିଲା। ବଡ଼ଓସ୍ତିଆ, ପାଞ୍ଚପଡ଼ା, ମତୋ, ଘଣ୍ଟେଶ୍ୱର ଆଦି ସ୍ଥାନରେ ରଥଟଣା ହୋଇଛି। ଚାନ୍ଦବାଲି ବସ୍‌ଷ୍ଟାଣ୍ଡଠାରେ ରଥଟଣାରେ ବହୁସଂଖ୍ୟାରେ ସହରବାସୀ ସାମିଲ ହୋଇଥିଲେ।

## ବନ ମହୋତ୍ସବରେ ଚାରାରୋପଣ, ପ୍ରତିଯୋଗିତା



ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ଧାମନଗର,୮।୭(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ପଳିକିରି ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଛି। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଗୋଟିଏ ଲେଖାଏ ଗଛ ଲଗାଇଛନ୍ତି। ପ୍ରଧାନଶିକ୍ଷକ ନିରାକାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶୋକ ନାୟକ, ସୁଶାନ୍ତ ନାୟକ, ଶକୁନ୍ତଳା ସାହୁ, ସୋହାଗି ହେମ୍ବ୍ରମ, ଲିଳାବତୀ ହେମ୍ବ୍ରମ, ମିନାକ୍ଷୀ ସୂତାର ପ୍ରମୁଖ ବନ ମହୋତ୍ସବ ସପ୍ତାହ ପାଳନ, ପରିବେଶ ସୁରକ୍ଷାର ଉଦ୍ଦେଶ୍ୟ ଓ ସମସ୍ତଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ।

ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନରେ ସାଇ ସନ୍ତୋଷୀ ପତି ପ୍ରଥମ, ଭାଗ୍ୟଶ୍ରୀ ମାଝୀ ଦ୍ୱିତୀୟ, ଭାଗ୍ୟଲକ୍ଷ୍ମୀ ସାହୁ ଓ ସୁନୀତା ପ୍ରଧାନ ଯୁଗ୍ମ ଭାବେ ତୃତୀୟ ହୋଇଥିଲେ। ପ୍ରବନ୍ଧରେ ସୁଚିସ୍ମିତା ସାହୁ ପ୍ରଥମ, ପ୍ରଜ୍ଞା ବିଭାବେରୀ ଦାସ ଦ୍ୱିତୀୟ ଓ ଅନିମେଶ ସେଠୀ ତୃତୀୟ, ବକ୍ତୃତାରେ ସ୍ୱାତୀସ୍ନିଗ୍ଧା ନନ୍ଦ ପ୍ରଥମ, ଭଗ୍ୟଲକ୍ଷ୍ମୀ ପ୍ରଧାନ ଦ୍ୱିତୀୟ, ରାଜଶ୍ରୀ ଦାସ ଓ ଲିଜାରାଣୀ ପ୍ରଧାନ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

## ବାପଘରେ ବିବାହିତା ଝିଅଙ୍କ ଆତ୍ମହତ୍ୟା

ବାହାନଗା, ୮।୭(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ବଳରାମପୁର ଗ୍ରାମର ଜଣେ ବିବାହିତା ଝିଅ ନିଜର ବାପଘରକୁ ବୁଲିବାକୁ ଆସି ଆତ୍ମହତ୍ୟା କରିଛନ୍ତି। ଖବରପାଇ ଗୋପାଳପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବଳରାମପୁର ଗ୍ରାମର ଶ୍ରୀଧର ମଳିକଙ୍କ ଝିଅ ସୁମିତ୍ରା ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ପ୍ରଶାନ୍ତ ପାଣ୍ଡବଙ୍କ ସହିତ ବିବାହ କରିଥିଲେ। ସୁମିତ୍ରା କିଛିଦିନ ତଳେ ଶାଶୁ ଘରୁ ବାପ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସୁମିତ୍ରା ଘରେ ଦ୍ୱିପ୍ରହରରେ ଖାଇ ସାରି ଘର ଭିତରକୁ ଶୋଇବାକୁ ଯାଇଥିଲେ। ମାତ୍ର ସୁମିତ୍ରାଙ୍କ ମା’ କିଛି ସମୟ ପରେ ସେହି ଘର ଭିତରକୁ ଯିବା ବେଳେ ସେ ବେକରେ ରଶି ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୪) ରୁଜୁ କରାଯାଇଛି।

## ୨ମାସ ପୂର୍ବେ ସଂଯୋଗ ସୋଲାର ପ୍ରକଳ୍ପରେ ତ୍ରୁଟି

### ଭଗିଆ ପ୍ରାଥମିକ ବିଦ୍ୟାଳୟ ପରିସର ଜଳମଗ୍ନ

ସିମୁଳିଆ,୮।୭(ସନ୍ତୋଷ ନାୟକ)



ସରକାର ଜଳ ପରିମଳ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ତେବେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଏହି ଯୋଜନା ବାଟବଣା ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଅଧୀନ ଭଗିଆ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ପରିସରରେ ଚଳିତବର୍ଷ ଏପ୍ରିଲ ୧୦ରେ ସୋଲାର ପାନୀୟଜଳ ଯୋଗାଣ ଯୋଜନାରେ ସଂଯୋଗ ହୋଇଥିବା ସୋଲାର ପମ୍ପରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅହରହ ଜଳ ବୋହି ବିଦ୍ୟାଳୟ ପରିସରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଦୈନିକ ହଜାର ହଜାର ଲିଟର ଜଳ ବୋହି ଚାଲିବା ଯୋଗୁ ଭୂତଳ ଜଳ ନଷ୍ଟ ନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଯେ, ୨୦୨୩-୨୪ ଆର୍ଥିକ ବର୍ଷ ପଞ୍ଚମ ଏସ୍‌ଏଫ୍‌ସି ଯୋଜନାରେ ସିମୁଳିଆ ପଞ୍ଚାୟତ ସମିତି ଦ୍ୱାରା ୩ ଲକ୍ଷ ୪୦ହଜାର ବ୍ୟୟ ଅଟକଳରେ ଏହି ସୋଲାର ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମିତ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପରେ ଅଚଳ ହୋଇପଡିବାରୁ ପୁନଃ ମରାମତି କରାଯାଇଥିଲା। ତେବେ ଏହି ବିଦ୍ୟାଳୟ କାନ୍ଥରେ ପ୍ରକଳ୍ପ ସମ୍ପର୍କରେ ଏଣୁତେଣୁ କରି ଲେଖି ଦିଆଯାଇଥିବା ବେଳେ ଠିକାଦାରଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ। ଏପରିକି ଠିକାଦାରଙ୍କ ଫୋନ୍ ନମ୍ବର ନ ଥିବାରୁ କୌଣସି ଅସୁବିଧା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇପାରୁ ନ ଥିବା ଭଗିଆ ପ୍ରାଥମିକ ବିଦ୍ୟାଳୟ ଇନଚାର୍ଜ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଜଳପରିମଳ ବିଭାଗର ସିମୁଳିଆ ବ୍ଲକ ଜେଇ କିଶୋର ଚନ୍ଦ୍ର ବେହେରା କହିଛନ୍ତି, ଏହି ପ୍ରକଳ୍ପ ଠିକାଦାର ଦିଲୀପ ଲେଙ୍କା ନିର୍ମାଣ କରିଛନ୍ତି ଓ ମଙ୍ଗଳବାର ତାଙ୍କୁ ମରାମତି ପାଇଁ କହିଦିଆଯିବ।

## ସୋର ଡାକ୍ତରଖାନା ଆଗରେ ଧାରଣା

ସୋର(ଜନ୍ମେଜୟ ମିଶ୍ର): ଆମ୍ବେଡକର ଚେତନା ବିକାଶ ପରିଷଦର ସୋର ଶାଖା ସଭାପତି ସୁଶାନ୍ତ ସାହୁ ସୋର ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ସୋମବାର ଡାକ୍ତରଖାନା ପରିସରରେ ଧାରଣାରେ ବସିଛନ୍ତି। ସ୍ଥାୟୀ ନୂତନ ଡାକ୍ତର ନିଯୁକ୍ତି, ପୁରୁଣା କର୍ମଚାରୀ ଯଥା ନର୍ସ, ସିକ୍ୟୁରିଟି, ୨୪ଘଣ୍ଟିଆ ଔଷଧ ବିତରଣ, ଦିନରାତି ସବୁ ସମୟରେ ରକ୍ତ ନମୁନା ପରୀକ୍ଷା ଓ ଠିକା ମହିଳା ସଫେଇ କର୍ମଚାରୀଙ୍କ ସୁପରଭାଇଜରଙ୍କ ତୁରନ୍ତ ବଦଳି ଆଦି ସେ ଦାବି କରିଛନ୍ତି।

**ବାଲେଶ୍ୱର**

# ଆଲୋଚନା ପରେ ମିଳିଲା ରାଶନ ଚାଉଳ

ଖଇରା, ୮।୭(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କାକୁଡିଆ ଗ୍ରାମର ଡିଲର ଠିକ୍ ସମୟରେ ସେମାନଙ୍କ ଚାଉଳ ଦେଉ ନ ଥିବା ଓ କିଛି ଲୋକଙ୍କର ଏକାଧିକ ମାସର ଚାଉଳ ବକେୟା ରଖିଥିବା ନେଇ ସୋମବାର ସକାଳେ କିଛି ହିତାଧିକାରୀ ଡିଲର ପଏଣ୍ଟ ଆଗରେ ପାଟିତୁଣ୍ଡ କରିଥିଲେ। ପରେ ଗ୍ରାମବାସୀ ଓ ଡିଲରଙ୍କ ମଧ୍ୟରେ ଆଲୋଚନା ପରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଚାଉଳକୁ ଅତି ଆବଶ୍ୟକ ଥିବା ହିତାଧିକାରୀଙ୍କୁ ବଣ୍ଟାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆସିବାକୁ ଥିବା ଚାଉଳକୁ ବାକି ହିତାଧିକାରୀଙ୍କୁ ପ୍ରଦାନ କରାଯିବା ସହ ପୁରୁଣାରୁ ବାକି ଥିବା ଚାଉଳକୁ ଡିସେମ୍ବର ସୁଦ୍ଧା ପ୍ରଦାନ ପାଇଁ ଆଲୋଚନାରେ ସ୍ଥିର ହୋଇଥିଲା।

# ୨ମାସ ପୂର୍ବେ ସଂଯୋଗ ସୋଲାର ପ୍ରକଳ୍ପରେ ତ୍ରୁଟି

## ଭଗିଆ ପ୍ରାଥମିକ ବିଦ୍ୟାଳୟ ପରିସର ଜଳମଗ୍ନ

ସିମୁଳିଆ,୮।୭(ସନ୍ତୋଷ ନାୟକ)

ସରକାର ଜଳ ପରିମଳ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ତେବେ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଏହି ଯୋଜନା ବାଟବଣା ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଅଧୀନ ଭଗିଆ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ପରିସରରେ ଚଳିତବର୍ଷ ଏପ୍ରିଲ ୧୦ରେ ସୋଲାର ପାନୀୟଜଳ ଯୋଗାଣ ଯୋଜନାରେ ସଂଯୋଗ ହୋଇଥିବା ସୋଲାର ପମ୍ପରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅହରହ ଜଳ ବୋହି ବିଦ୍ୟାଳୟ ପରିସରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଦୈନିକ ହଜାର ହଜାର ଲିଟର ଜଳ ବୋହି ଚାଲିବା ଯୋଗୁ ଭୂତଳ ଜଳ ନଷ୍ଟ ନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଯେ, ୨୦୨୩-୨୪ ଆର୍ଥିକ ବର୍ଷ ପଞ୍ଚମ ଏସ୍‌ଏଫ୍‌ସି ଯୋଜନାରେ ସିମୁଳିଆ ପଞ୍ଚାୟତ ସମିତି ଦ୍ୱାରା ୩ ଲକ୍ଷ ୪୦ହଜାର ବ୍ୟୟ ଅଟକଳରେ ଏହି ସୋଲାର ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମିତ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପରେ ଅଚଳ ହୋଇପଡିବାରୁ ପୁନଃ



ମରାମତି କରାଯାଇଥିଲା। ତେବେ ଏହି ବିଦ୍ୟାଳୟ କାନ୍ଥରେ ପ୍ରକଳ୍ପ ସମ୍ପର୍କରେ ଏଣୁତେଣୁ କରି ଲେଖି ଦିଆଯାଇଥିବା ବେଳେ ଠିକାଦାରଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ। ଏପରିକି ଠିକାଦାରଙ୍କ ଫୋନ୍ ନମ୍ବର ନ ଥିବାରୁ କୌଣସି ଅସୁବିଧା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇପାରୁ ନ ଥିବା ଭଗିଆ ପ୍ରାଥମିକ ବିଦ୍ୟାଳୟ ଇନଚାର୍ଜ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଜଳପରିମଳ ବିଭାଗର ସିମୁଳିଆ ବ୍ଲକ ଜେଇ କିଶୋର ଚନ୍ଦ୍ର ବେହେରା କହିଛନ୍ତି, ଏହି ପ୍ରକଳ୍ପ ଠିକାଦାର ଦିଲୀପ ଲେଙ୍କା ନିର୍ମାଣ କରିଛନ୍ତି ଓ ମଙ୍ଗଳବାର ତାଙ୍କୁ ମରାମତି ପାଇଁ କହିଦିଆଯିବ।

# ଭୁଲିଲେ ହିଂସା, ଏକାଠି ଟାଣିଲେ ରଥ



ବାଲେଶ୍ୱର, ୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଟାଉନ ଥାନା ଅଧୀନ ପାତ୍ରପଡାରେ ଅନୁଷ୍ଠିତ ହୋଇଛି ପବିତ୍ର ରଥଯାତ୍ରା। କିଛି ଦିନ ପୂର୍ବରୁ ଘଟିଥିବା ହିଂସାକୁ ଭୁଲି ହିନ୍ଦୁ ଓ ମୁସଲମାନ ଭାଇମାନେ ଏକାଠି ରଥଯାତ୍ରାରେ ସାମିଲ ହୋଇ ଭାଇଚାରା ସମ୍ପର୍କକୁ ସଦୃଢ କରିଛନ୍ତି।

ପାତ୍ରପଡାର ରାହାସମଣି କମଳାଙ୍କ ଘର ମନ୍ଦିରରେ ଥିବା ୧୦୦ ବର୍ଷର ତିନି ଠାକୁର ରଥାରୂଢ ହୋଇଥିଲେ। ସିଟି ଡିଏସ୍‌ପି ଶୁଭ୍ରାଂଶୁ ନାୟକ, ଟାଉନ ଥାନା ଅଧିକାରୀ ଅଶୋକ ନାୟକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା ରଥଟଣା କାର୍ଯ୍ୟକ୍ରମ। ଭଜନକୀର୍ତ୍ତନ, ଢୋଲ ବାଜା ସହିତ ଶଂଖ ନାଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଉକ୍ତ ଅଞ୍ଚଳରେ ଥିବା ଶାନ୍ତି କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ରଥଟଣା ହୋଇଥିଲା। ଦୁଇ ସମ୍ପ୍ରଦାୟର ଲୋକମାନେ ମିଶି ରଥକୁ ମାଉସୀ ମା' ମନ୍ଦିର ଆଡକୁ ଟାଣି ନେଇଥିଲେ। ପାତ୍ରପଡାରୁ ବାହାରି ଗିରିସାହି, ପାଢିସାହି ପରେ ଭୁଜାଖିଆପୀର ଛକରେ ରଥ ପହଞ୍ଚିଥିଲା। ସେଠାରେ ରଥକୁ ସ୍ୱାଗତ ଜଣାଇଥିଲେ ମୁସଲିମ ଭଉଣୀଭାଇମାନେ। ଏକ ଆଧ୍ୟାତ୍ମିକ ବାତାବରଣରେ ରଥ ପାତ୍ରପଡାର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ସେଠାରେ ମହାପ୍ରଭୁ ୯ ଦିନ ରହଣି ପରେ ମନ୍ଦିରକୁ ବାହୁଡିବେ।

# ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରାସଲୀଳା

ବାଲେଶ୍ୱର, ୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ପ୍ରତିବର୍ଷ ଭଳି ରଥ ଉତ୍ସବର ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ସାଙ୍ଗକୁ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ରାସଲୀଳାରେ ଶ୍ରଦ୍ଧାଳୁ ଝୁମିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଇମାମୀ ନଗରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା ସମାପନ ସାଙ୍ଗକୁ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଅନାଥ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ୫ଟା ୪୫ରୁ ୬ଟା ପର୍ଯ୍ୟନ୍ତ ଇମାମୀ କଲୋନୀସ୍ଥ ଲେଡ଼ିଜ୍ କ୍ଲବ୍ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଭଳି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୭ଟା ୩୦ମିନିଟ୍‌ରୁ ୮ଟା ୩୦ମିନିଟ୍ ପର୍ଯ୍ୟନ୍ତ ବୃନ୍ଦାବନରୁ ଆସିଥିବା କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ୍ର ଆଧାରିତ ଚିତ୍ତାକର୍ଷକ ରାସଲୀଳାରେ ଶ୍ରୀକୃଷ୍ଣ ଜନ୍ମ, ନନ୍ଦଉତ୍ସବ, ପୁତନାବଧ, ମାଖନଚୋରୀ ଲୀଳା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମୁଖ୍ୟ ଆକର୍ଷଣ ପାଲଟିଥିବା ଜଣାପଡ଼ିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରଥମ ଦିନରେ ଗୁଣ୍ଡିଚା ମନ୍ଦିରରେ ଚିତ୍ତାକର୍ଷକ ସାଜସଜ୍ଜା ସାଙ୍ଗକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ପ୍ରସାଦସେବନ ବ୍ୟବସ୍ଥା ଜାରି ରଖାଯାଇଛି। ଅନ୍ୟପକ୍ଷରେ ଅନାଥ ଶିଶୁମାନଙ୍କୁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି।

# 'ଭାରତୀୟ କୃଷିରେ ଜିଏମ୍ ଫସଲର ଆଶା'




ଅତିଥିଙ୍କ ଗହଣରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

ବାଲେଶ୍ୱର, ୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ରୌପ୍ୟଜୟନ୍ତୀ ବର୍ଷ ପାଳନ ଅବସରରେ ପରିବେଶ ବିଜ୍ଞାନ ବିଭାଗର ଅଧ୍ୟାପନା ଶୃଙ୍ଖଳ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ସୁଭାଷ ଚନ୍ଦ୍ର ସାନ୍ତ୍ରା ଯୋଗଦେଇ 'ଭାରତୀୟ କୃଷିରେ ଜିଏମ୍ ଫସଲର ଆଶା' ବିଷୟବସ୍ତୁ ସମ୍ବନ୍ଧରେ ଭାରତ ସମେତ ସର୍ବଭାରତୀୟସ୍ତରରେ କୃଷି ପ୍ରଣାଳୀ ଉପରେ ଜେନେଟିକ୍ ରୂପାନ୍ତରିତ (ଜିଏମ୍) ଫସଲ କିପରି ପ୍ରଭାବ ପକାଇଛି ତାହା ବର୍ଣ୍ଣନା କରିଥିଲେ। ଯଦିଓ ଖାଦ୍ୟ ଚାହିଦା ଏବଂ କୀଟନାଶକ ପ୍ରତିରୋଧକୁ ଅନ୍ତର୍ଭୁକ୍ତ କରି ବିଭିନ୍ନ କୃଷି ଆହ୍ୱାନ ମୁକାବିଲା ପାଇଁ ଜିଏମ୍ ଫସଲର ଧାରଣା ପ୍ରବର୍ତ୍ତିତ ହୋଇଥିଲା, ଏହାର ଅନେକ ନକାରାତ୍ମକ ପରିବେଶ ପରିଣାମ ମଧ୍ୟ ରହିଥାଏ। ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଜିଏମ୍ ଫସଲ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ସମ୍ଭାବ୍ୟ ବିପଦ ସୃଷ୍ଟି କରିଥାଏ, ଏହା ଆଲର୍ଜେନିସିଟି। ଜିଏମ୍ ନ ଥିବା ଫସଲରେ ଜିନ୍ ପ୍ରବାହ ଏବଂ ପ୍ରତିରୋଧକ ପୋକର ବିକାଶ ବିଷୟରେ ଚିନ୍ତା କରିଥାଏ। ଏହି ଚିନ୍ତାଧାରା ସତ୍ତ୍ୱେ, ପ୍ରସ୍ତାବକମାନେ ଜିଏମ୍ ଫସଲର ସମ୍ଭାବ୍ୟ ଲାଭକୁ ଆଲୋକିତ କରିଥାନ୍ତି ଯେପରିକି ଉତ୍ପାଦନ ବୃଦ୍ଧି, କୀଟନାଶକ ବ୍ୟବହାର ହ୍ରାସ ଏବଂ ପୁଷ୍ଟିକର ଖାଦ୍ୟ ବୃଦ୍ଧି ଆଦି ବିଭିନ୍ନ ଉପକାରିତା ମିଳିଥାଏ। ଉପରୋକ୍ତ ପ୍ରସଙ୍ଗରେ ପରିବେଶ ସମ୍ବନ୍ଧୀୟ ଚିନ୍ତାଧାରା ଉପରେ ଅଧିକ ଗବେଷଣା କରିବା ଏବଂ କ୍ଷେତ୍ରଗୁଡିକରେ ଜିଏମ୍ ଫସଲ ପ୍ରବର୍ତ୍ତନ ପୂର୍ବରୁ ଉପଯୁକ୍ତ ଆବଶ୍ୟକତା ବିଶ୍ଳେଷଣ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଓ ଆମନ୍ତ୍ରିତ ପ୍ରମୁଖ ବ୍ୟକ୍ତିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଶିବାନୀ ହାଂସଦା ସଂଯୋଜନା କରି ଧନ୍ୟବାଦ ଦେଇଥିଲେ।

# ଅଧାବାଟରେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି, ୮।୭(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷଯାତ୍ରା ସୋମବାର ଅପରାହ୍ନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲ। ପ୍ରଥମ ଦିନରେ ଭକ୍ତମାନେ ମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବ। ନୀଳଗିରିର ରାଜାସାହେବ ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲାପାଳ ଆଶିଷ ଠାକ୍‌ରେ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପଜିଲାପାଳ ମନ୍ଦରଧର ମାହାଳିକ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ତହସିଲଦାର ଦୀପ୍ତିମୟୀ ବେହେରା, ଏନଏସି ଅଧିକାରୀ ପ୍ରସନ୍ନ କୁମାର ଦାସ, ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ରଞ୍ଜନ କୁମାର ସେନାପତି ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ।

# ଗୁଣିଗାରେଡ଼ିରୁ ଟ୍ରିପଲ ମର୍ଡର ଘଟଣା: ଆଉ ୩ କୋର୍ଟଚାଲାଣ

ଔପଦା, ୮।୭(ଧରିତ୍ରୀ ପଣ୍ଡା)

ଔପଦା ଥାନା ବଡ଼ପୋଖରୀ ରାଜସ୍ୱ ଗ୍ରାମ ବରପଦା ଆଦିବାସୀ ବସ୍ତିରେ ୩ଜଣଙ୍କୁ ହତ୍ୟା ଘଟଣାରେ ମଙ୍ଗଳବାର ଆଉ ୩ ସହଯୋଗୀଙ୍କୁ କୋର୍ଟଚାଲାଣ କରାଯାଇଛି। ଗୁଣିଗାରେଡ଼ିକୁ କେନ୍ଦ୍ର କରି ୩ଜଣ ଆଦିବାସୀଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ୩ଜଣ ହେଲେ ବରପଦାର ସଞ୍ଜୁ ସିଂ, ବନମାଳୀ ସିଂ, ନାବାଳକ ହାଉଡ଼ା ଓରଫ ସୁରେଶ ସିଂ। ନାବାଳକ ହାଉଡ଼ା (୧୮)ବର୍ଷ ହୋଇଥିବାରୁ ତାଙ୍କୁ କୋର୍ଟରେ ହାଜର ପରେ ଅନୁଗୋଳସ୍ଥିତ ଜୁଭେନାଇଲ ହୋମ୍‌କୁ ପଠାଯାଇଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି।

# ବାପଘରେ ବିବାହିତା ଝିଅଙ୍କ ଆତ୍ମହତ୍ୟା

ବାହାନଗା, ୮।୭(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ବଳରାମପୁର ଗ୍ରାମର ଜଣେ ବିବାହିତା ଝିଅ ନିଜର ବାପଘରକୁ ବୁଲିବାକୁ ଆସି ଆତ୍ମହତ୍ୟା କରିଛନ୍ତି। ଖବରପାଇ ଗୋପାଳପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ବଳରାମପୁର ଗ୍ରାମର ଶ୍ରୀଧର ମଲିକଙ୍କ ଝିଅ ସୁମିତ୍ରା ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ପ୍ରଶାନ୍ତ ପାଣ୍ଡବଙ୍କ ସହିତ ବିବାହ କରିଥିଲେ। ସୁମିତ୍ରା କିଛିଦିନ ତଳେ ଶାଶୁ ଘରୁ ବାପ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସୁମିତ୍ରା ଘରେ ଦ୍ୱିପ୍ରହରରେ ଖାଇ ସାରି ଘର ଭିତରକୁ ଶୋଇବାକୁ ଯାଇଥିଲେ। ମାତ୍ର ସୁମିତ୍ରାଙ୍କ ମା' କିଛି ସମୟ ପରେ ସେହି ଘର ଭିତରକୁ ଯିବା ବେଳେ ସେ ବେକରେ ରଶି ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏନେଇ ଥାନାରେ ଅପମୃତ୍ୟୁ ମାମଲା( ନଂ. ୮/୨୪) ରୁଜୁ କରାଯାଇଛି।

# ପଞ୍ଚାୟତ ଚୋରି ଘଟଣାର ତଦନ୍ତ ନ ହେଲେ ଆନ୍ଦୋଳନ

## ଚେତାବନୀ ଦେଲା ନାଗରିକ ସୁରକ୍ଷା ସଚେତନ ମଞ୍ଚ, କଂଗ୍ରେସ

ଭୋଗରାଇ, ୮।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦୁଡ଼ପଲ ପଞ୍ଚାୟତରେ ନିକଟରେ ଚୋରି ହୋଇଥିବା ଘଟଣାକୁ ନେଇ ନାଗରିକ ସୁରକ୍ଷା ସଚେତନ ମଞ୍ଚ ଓ କଂଗ୍ରେସ ପକ୍ଷରୁ ସୋମବାର ଉକ୍ତ ପଞ୍ଚାୟତ ପରିସରରେରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଦୀର୍ଘବର୍ଷ ଧରି ଉକ୍ତ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେବା ସହ କାର୍ଯ୍ୟନିର୍ବାହୀ ଅଧିକାରୀ ମନମୁଖୀ କାର୍ଯ୍ୟ କରୁଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ କେଉଁ ବର୍ଷ କେଉଁଠି ଓ କେତେ ଅର୍ଥ ଖର୍ଚ୍ଚ ପଞ୍ଚାୟତ ପକ୍ଷରୁ କରାଯାଇଛି ତାହା ପଞ୍ଚାୟତବାସୀ ଜାଣିବା ନିମନ୍ତେ ୩୨ ନଂ. ଜୋନ କଂଗ୍ରେସ ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର ସୂଚନା ଅଧିକାର ଆଇନ ନିମନ୍ତେ ଭୋଗରାଇ ବିଡିଓ ଏବଂ ବିଭାଗୀୟ କମିଶନରଙ୍କୁ ଆବେଦନ କଲା ପରେ ପଞ୍ଚାୟତରେ କମ୍ପ୍ୟୁଟର, ହାର୍ଡଡିସ୍କ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ ହେବା ଘଟଣା ରହସ୍ୟାବୃତ୍ତ ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ଏପରିକି ପଞ୍ଚାୟତର ଯେଉଁ ଢଙ୍ଗରେ କାର୍ଯ୍ୟାଳୟ ମୁଖ୍ୟ ଫାଟକ ତାଲା କାଟିବା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବିଛାଡ଼ି ହୋଇ ତଳେ ପଡ଼ିବା ସନ୍ଦେହଜନକ ଏବଂ ଏହା ପ୍ରଯୋଜିତ କାର୍ଯ୍ୟ ବୋଲି ଖବରଦାତା ସମ୍ମିଳନୀରେ ନାଗରିକ ସୁରକ୍ଷା ସଚେତନ ମଞ୍ଚ ଓ ପଞ୍ଚାୟତ କଂଗ୍ରେସ ଶାଖା ପକ୍ଷରୁ କୁହାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ବିଭାଗୀୟ କର୍ତ୍ତୃପକ୍ଷ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଘଟଣାର ପର୍ଦ୍ଦାଫାସ ନ କଲେ ଖୁବ୍‌ଶୀଘ୍ର ପଞ୍ଚାୟତ ପକ୍ଷରୁ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତା କାର୍ତ୍ତିକ ଚନ୍ଦ୍ର ପାତ୍ର, ଆଇନଜୀବୀ ଶଶିକାନ୍ତ ଦେ, ୱାର୍ଡ ସଦସ୍ୟା ପୂଜାରାଣୀ ସିଂ, ସଚେତନ ମଞ୍ଚର ମୂରଲୀଧର ଦାସ, ରମେଶ ଚନ୍ଦ୍ର ପାଳ, ଗୌରୀ ଶଙ୍କର ଦେ, ସୁଧୀର ମାହାନା, ଭବଶଙ୍କର ଦାସ, ପ୍ରଶାନ୍ତ ମାହାନା, କେଶବ ଦାସ, ପ୍ରବୀର ରାଉତ, ପ୍ରଶାନ୍ତ ରାଉତ, ଅମୂଲ୍ୟ ଗିରି ପ୍ରମୁଖ ଉପସ୍ଥିତ ରହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରପକ୍ଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ସମ୍ପର୍କରେ ମତାମତ ଲୋଡ଼ାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

# ସାହାର୍ଦ୍ଧାରେ ରଥଯାତ୍ରା



ରେମୁଣା, ୮।୭(ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ସାହାର୍ଦ୍ଧା ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାୟ ୪୩ବର୍ଷ ପୂର୍ବେ ସାହାର୍ଦ୍ଧା ଗ୍ରାମର ହଳଧର ବେହେରା, ରବିନାରାୟଣ ବାରିକ, ଅନନ୍ତ ବେହେରା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କୁ ଛୋଟ ରଥ କରି ପୂଜା କରୁଥିଲେ। କିଛିବର୍ଷ ପୂର୍ବେ ଉକ୍ତ ଗ୍ରାମର ରଘୁନାଥ ମହାନ୍ତି ତାଙ୍କ ନିଜ ଜମିକୁ ସ୍ୱହସ୍ତରେ ପ୍ରଭୁଙ୍କ ନାମରେ ପ୍ରଦାନ କରିଥିଲେ। ସେବେଠୁ ଉକ୍ତ ଜମିରେ ଛୋଟ ମନ୍ଦିରଟିଏ କରି ପୂଜା ସମେତ ରଥଯାତ୍ରା କରାଯାଉଛି। ଗ୍ରାମର ରବୀନ୍ଦ୍ର ମହାକୁଡ଼ କିଛି ଦିନ ପୂର୍ବେ ପୁରୀ ବୁଲିବାକୁ ଯାଇଥିଲେ। ପୁରୀ ସମୁଦ୍ରରେ ଗାଧୋଇବା ବେଳେ ପ୍ରଭୁ ଭାସି ଆସି ତାଙ୍କ ନିକଟରେ ପହଞ୍ଚିଥିଲେ। ରବୀନ୍ଦ୍ର ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ କୋଳେଇ ଆଣିଥିଲେ। ରବୀନ୍ଦ୍ର ପ୍ରଭୁଙ୍କୁ ନବକଳେବର କରି ଉକ୍ତ ମନ୍ଦିରରେ ସ୍ଥାପନା କରିଥିଲେ। ପବିତ୍ର ରଥଯାତ୍ରାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥରେ ବସାଇ ରାଜା ହରିଶ ଦାସପଟ୍ଟନାୟକ ଛେରାପହଁରା କରିବା ପରେ ମାଉସୀ ମା' ମନ୍ଦିର ଯାଏ ନିଆଯାଇଥିଲା। ରବୀନ୍ଦ୍ର ମହାକୁଡ଼, ହଳଧର ବେହେରା, ହରିଶ ଦାସପଟ୍ଟନାୟକ, ବସନ୍ତ ମହାନ୍ତି, ରବିନାରାୟଣ ବାରିକ, କାର୍ତ୍ତିକ ଚନ୍ଦ୍ର ନନ୍ଦ, ଶରତ ବାରିକ, ଶ୍ରୀଧର ମହାନ୍ତି, ଯତୀନ୍ଦ୍ର ମହାନ୍ତି, ରତିକାନ୍ତ ବେହେରା, ମୁକ୍ତିକାନ୍ତ ମହାନ୍ତି, ଶ୍ରୀଧର ବେହେରା ପରିଚାଳନା କରିଥିଲେ।

# କର୍ଣ୍ଣେଲ କ୍ଷେତ୍ରମୋହନ ସଭାପତି, ପ୍ରବାଳଙ୍କୁ ସମ୍ପାଦକ ଦାୟିତ୍ୱ

## ଯୁଗ୍ମ ଅଧିଷ୍ଠାନ ଦିବସ ପାଳିତ

ବାଲେଶ୍ୱର, ୮।୭(ମାନସ ବିଶ୍ୱାଳ)

ବାଲେଶ୍ୱର ରୋଟାରୀ କ୍ଲବର ୨୦୨୪-୨୫ ବର୍ଷ ପାଇଁ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ସକାଳେ ପରିବେଶ ସୁରକ୍ଷା ଓ ସବୁଜବଳୟ ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ରୋଟାରୀ ସଦସ୍ୟମାନଙ୍କ ଦ୍ୱାରା ୱାକାଥନ୍ ଅନୁଷ୍ଠିତ ହୋଇ ସହର ପରିକ୍ରମା କରାଯାଇଥିଲା। ଏହାକୁ ପ୍ରାକ୍ତନ ପ୍ରାନ୍ତପାଳ ଶାନ୍ତନୁ କୁମାର ପାଣି ଉଦ୍‌ଘାଟନ କରିଥିଲେ। ପରେ ରେମୁଣା ବ୍ଲକ ସାହୁପଡାଠାରେ ଥିବା ରୋଟାରୀ ସବୁଜ ବନାନୀ ପ୍ରକଳ୍ପ ପରିସରରେ ବିଭିନ୍ନ ପ୍ରକାର ୧ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ସେହିପରି ପୋଷ୍ୟ ଗ୍ରାମ ନୂଆନଇଘାଟ ଅନ୍ତେବାସୀମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇ ଅନ୍ନପୂର୍ଣ୍ଣା ଦିବସ ପାଳନ ହୋଇଥିଲା। ଅପରାହ୍ନରେ ଷ୍ଟେଶନଛକସ୍ଥିତ ରୋଟାରୀ



ୱାକାଥନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ବସ୍‌ଷ୍ଟପଠାରେ ବିଭିନ୍ନ ପ୍ରଜାତିର ଔଷଧୀୟ ଚାରା ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ପରେ କୁରୁଡ଼ା ଛକଠାରେ ଏକ ସ୍ୱାଗତଫଳକ ଜିଲା ଗଭର୍ଣ୍ଣରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସନ୍ଧ୍ୟାରେ ରୋଟାରୀ ଭବନ ହଲ୍‌ରେ ଅଧିଷ୍ଠାନ ଦିବସ ଆୟୋଜିତ ହୋଇଥିଲା। ପୂର୍ବତନ ସଭାପତି ରୋ. ପ୍ରଦୀପ୍ତ କୁମାର ପଣ୍ଡା ଓ ସମ୍ପାଦକ ସୁଧାଂଶୁ ପଣ୍ଡା ନୂତନ ୨୦୨୪-୨୫ର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଓ ସମ୍ପାଦକ ପ୍ରବାଳ ସିହ୍ନାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲା (୩୨୬୨)ର ପ୍ରାନ୍ତପାଳ ରୋ. ଯଜ୍ଞାଶିଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ପୂର୍ବ ପ୍ରାନ୍ତପାଳ ଶିବ ପ୍ରସାଦ ଦାସ, ରୋ. ଶାନ୍ତନୁ କୁମାର ପାଣି, ସହ-ପ୍ରାନ୍ତପାଳ ପ୍ରଣବ କୁମାର ସାହୁ ଯୋଗଦେଇଥିଲେ। ବରିଷ୍ଠ ରୋ. ସୁବ୍ରତ କର, ଉଦୟ ରଞ୍ଜନ ଦାସ, ସନ୍ତୋଷ ନାହାକ, ନିକୁଞ୍ଜ କିଶୋର ମହାନ୍ତି, ଭାବଗ୍ରାହୀ ମହାନ୍ତି, ଦେବାଶିଷ ଦାସ, ବିଷ୍ଣୁଦାସ କୁଣ୍ଡୁ, ଶିବବ୍ରତ ଦାସ ଓ ପ୍ରଶାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ମାଣ ହୋଇପାରୁନି ମହତୀପୁର ଆର୍‌ଆଇ ଅଫିସ ଗୃହ

## ଘୋଷଣାକୁ ୩ବର୍ଷ ବିତିଲାଣି

ଖଇରା, ୮।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ମହତୀପୁର ନୂତନ ରାଜସ୍ୱ କ୍ଷେତ୍ର ଭାବେ ଘୋଷଣାକୁ ପାଖାପାଖି ୩ବର୍ଷ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟାଳୟର ନୂତନ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲାନି। ଏହି ନୂତନ ରାଜସ୍ୱ କ୍ଷେତ୍ର ଅଧୀନରେ ଥିବା ୨୬ଗ୍ରାମର ଅଧିବାସୀ ୩ବର୍ଷ ହେଲା ପୂର୍ବଭଳି ଖଇରାଠାରେ ଅସ୍ଥାୟୀ ଭାବେ ଚାଲିଥିବା କାର୍ଯ୍ୟାଳୟକୁ ଖର୍ଚ୍ଚାନ୍ତ ହୋଇ ଦୌଡୁଛନ୍ତି। ତୁରନ୍ତ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗୃହ ନିର୍ମାଣ କରିବାକୁ ଉପରୋକ୍ତ ୨୬ ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି।

୨୦୨୧ ଜୁଲାଇରେ ବାଲେଶ୍ୱର ଜିଲାରେ ୪୫ଟି ନୂଆ ରାଜସ୍ୱ ନିରୀକ୍ଷକ କ୍ଷେତ୍ର ସୃଷ୍ଟି କରାଯାଇଥିବା



ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିବା ସ୍ଥାନ।

ବେଳେ ଏଥିରେ ଖଇରା ତହସିଲ ଅଧୀନରେ ମହତୀପୁର, ଗୋଳିହା ଓ କୋଚିଆକୋଇଲି ସ୍ଥାନ ପାଇଥିଲା। ମହତୀପୁର ରାଜସ୍ୱ କ୍ଷେତ୍ର ଅଧୀନରେ ମହତୀପୁର ସମେତ ମଇତାପୁର, ମଠନୂଆଗାଁ, ରୁଢିଙ୍ଗିଆ, ସୁଙ୍ଗୁଡା, ସୁଣ୍ଢିରା-ଗଣ୍ଡିବେଡ, ପିତାପାଣିଆ, ପୂର୍ବପଡା, ଫଗୁଆ, ବଟେଶ୍ୱର, ବୀଣାପୁର, ବ୍ରହ୍ମଚାରୀ, ଚକମହାସମପୁର, ତେଲଦିଆ, ଅଘାପଦା, ଅଣ୍ଡାଇଲୋ, ଅସୁରିଆ, କଣ୍ଟାପଡା, କଲରାପାଳ, କଳାଝାଟିଆ, ଗନ୍ଧାଳି, ଗୋପାଳବେଡା ଗୋପିନାଥପୁର, ଘୁଷୁରିଗଡିଆ ଗ୍ରାମ ସାମିଲ ହୋଇଥିଲା। ଗୋଳିହା ଓ କୋଚିଆକୋଇଲି ରାଜସ୍ୱ କ୍ଷେତ୍ରର ନୂତନ କାର୍ଯ୍ୟାଳୟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମହତୀପୁରରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ମହତୀପୁର ହାଇସ୍କୁଲ ନିକଟରେ ଜାଗା ଚିହ୍ନଟ ପରେ ଏଥପାଇଁ ବର୍ଷେ ତଳୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ଶେଷ ହୋଇ ନ ଥିବା ବେଳେ ଏହାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାର ପରସ୍ପର ଉପରେ ଦୋଷ ଲଦିଛନ୍ତି । ଟେଣ୍ଡର ପ୍ରକ୍ରିୟା ଶେଷ ପରେ ଚୁକ୍ତିପାଇଁ ବିଭାଗ ଡାକି ନ ଥିବାରୁ ଚୁକ୍ତି ବିଳମ୍ବ ହୋଇଥିବା ନେଇ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଅନୀଲ କୁମାର ପଣ୍ଡା କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କୁ ପଚାରିବାରେ ଠିକାଦାର ଟେଣ୍ଡର ପରେ ଚୁକ୍ତି ପାଇଁ ଡକାଯାଇଥିଲେ ହେଁ ସେ ନ ଆସିବାରୁ ଏହି କାର୍ଯ୍ୟ ପୁନଃ ଟେଣ୍ଡର ପାଇଁ ଯାଇଥିବା କଥା କହିଛନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ଗୃହ କାର୍ଯ୍ୟ ଆରମ୍ଭ କରିବାକୁ ମହତୀପୁର ସମିତିସଭ୍ୟା ପ୍ରତିନିଧି ରମାକାନ୍ତ ମହାରଣା ଦାବି କରିଛନ୍ତି।

# ଭକ୍ତଙ୍କ ମେଳରେ ମହାବାହୁ

## ୨ ଦିନିଆ ରଥଯାତ୍ରାକୁ ନେଇ ଉତ୍କଣ୍ଠା

କେନ୍ଦୁଝର,୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଳନ ନେଇ କେନ୍ଦୁଝର ଜିଲା ଉତ୍ସବମୁଖର ହୋଇଉଠିଛି। କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପହଣ୍ଡି ପରେ ରବିବାର ପରମ୍ପରା ରକ୍ଷା କରି ରଥଟଣା ଶୁଭାରମ୍ଭ କରି ବନ୍ଦ ହୋଇଥିଲା। ସୋମବାର ଶ୍ରୀ ବଳଦେବଜୀଉ ଭଉଣୀ ସୁଭଦ୍ରା ଓ ଭାଇ ଜଗନ୍ନାଥଙ୍କୁ ସାଥିରେ ଧରି ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରକୁ ଯାଇଛନ୍ତି। ଏହି ଅବସରରେ କେନ୍ଦୁଝର ପୁରୁଣା ସହର ଓ ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଥିଲା। ଘୋଷଯାତ୍ରା ଦେଖିବାକୁ ଓ ରଥ ଟାଣିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାବେଶ ହୋଇଥିଲା। ଦୀର୍ଘ ୫୩ ବର୍ଷ ପରେ ୨ ଦିନିଆ ରଥଯାତ୍ରା ପାଳନ ହେଉଛି। ଫଳରେ ୨ ଦିନ ରଥ ଟାଣିବାକୁ ସୁଯୋଗ ମିଳିଥିବାରୁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଥିଲା।



ଶ୍ରୀ ବଳଦେବଜୀଉଙ୍କ ନନ୍ଦିଘୋଷ ରଥକୁ ଭକ୍ତ ଟାଣି ନେଉଛନ୍ତି।

ପ୍ରଥମ ଦିନ ବଳଦେବଜୀଉଙ୍କ ନବଯୌବନ ବେଶ ପରେ ରୀତିନୀତି ଅନୁସାରେ ଧାଡ଼ିପହଣ୍ଡି କରି ବିଶ୍ୱର ବୃହତ୍ତମ ରଥ ନନ୍ଦିଘୋଷ ରଥ ଉପରକୁ ମହାବାହୁ ବିଜେ ହୋଇଥିଲେ। କିନ୍ତୁ ଏହି ରୀତିନୀତି ସରିବା ବେଳକୁ ସନ୍ଧ୍ୟା ହୋଇ ଯାଇଥିବାରୁ ନିୟମ ଅନୁଯାୟୀ ରଥଟଣା ବନ୍ଦ ରହିଥିଲା। ସୋମବାର ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ଧୂପ ପରେ ପୂର୍ବାହ୍ନ ୧୧ଟାରେ ରଥଟଣା ଆରମ୍ଭ ହୋଇଥିଲା। ପୋଲିସ ବାହିନୀ, ସ୍ୱେଚ୍ଛାସେବୀ ଓ ଭକ୍ତଙ୍କ ଗହଣରେ ଘଣ୍ଟ, ମୃଦଙ୍ଗ, ଶଙ୍ଖବାଦନ ସାଙ୍ଗକୁ ହୁଳହୁଳି, ହରିବୋଲ ଓ ଧାରା ବିବରଣୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ରାସ୍ତାରେ ପାରମ୍ପରିକ ପୂଜାର୍ଚ୍ଚନା ଓ ଭୋଗଲାଗି (ଗଳଗଣ୍ଡି) ପାଇଁ ରଥ କିଛି ସମୟ ଅଟକିବା ପରେ ପୁଣି ଗଡ଼ି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛନ୍ତି। ସନ୍ଧ୍ୟାଧୂପ ପରେ ୩ ଠାକୁରଙ୍କ ପହଣ୍ଡି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଅର୍ଥାତ୍ ଜନ୍ମବେଦୀକୁ ବିଜେ ହୋଇଛନ୍ତି। ରତ୍ନବେଦୀରୁ ରଥାରୂଢ଼ ହୋଇ ଶ୍ରୀ ଜୀଉ ଭକ୍ତଙ୍କୁ ଦର୍ଶନ ଦେବା ସହ ଜନ୍ମବେଦୀକୁ ଯାଉଥିବା ଏହି ପରମ୍ପରା ନିଆରା। ଏଠାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜୀଉଙ୍କ ୯ ଦିନ ବ୍ୟାପୀ ବିଭିନ୍ନ ବେଶରେ ଦର୍ଶନ ଅପେକ୍ଷାରେ ଭକ୍ତ ବ୍ୟାକୁଳ ମନରେ ଅପେକ୍ଷା କରିଛନ୍ତି। ରଥଯାତ୍ରା ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ବଡ଼ଦାଣ୍ଡରେ ଭଜନ, କୀର୍ତ୍ତନ ସାଙ୍ଗକୁ ନାଚଗୀତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ଭୋଗ ଦୋକାନ ସାଙ୍ଗକୁ ମେଳା ମଧ୍ୟ ଖୋଲିଛି। ଅନୁକୂଳ ପାଗ ଯୋଗୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ ଶ୍ରୀ ଜୀଉଙ୍କ ଦର୍ଶନ ସାଙ୍ଗକୁ ମେଳା ବୁଲିବାର ମଜା ନେଉଛନ୍ତି। ଜିଲା ପ୍ରଶାସନ ସହିତ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଭୋଗ ବଣ୍ଟନ କରାଯାଇଥିଲା।

# ସଙ୍ଗୀତ, ନୃତ୍ୟରେ ଦର୍ଶକ ବିଭୋର

## ରଥଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ



ନୃତ୍ୟଶିଳ୍ପୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୮।୭(ଦୀପକ ମିଶ୍ର)

କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଜିଲା ସଂସ୍କୃତି ବିଭାଗ, ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଆନନ୍ଦପୁରର ଶାଳପଡ଼ାସ୍ଥିତ ବିଣାପାଣୀ କଳାନିକେତନର କଳାକାରଙ୍କ କଳାଭିନୟ ଦର୍ଶକଙ୍କ ମନମୋହିଛି। କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଜଗନ୍ନାଥ ବିଜେ', 'ସୁନ୍ଦର ମୋ ଓଡିଶା', 'ଆମ ଗାଁ ହସୁଛି' ଏବଂ ସାନ୍ତାଳୀ, ସମ୍ବଲପୁରୀ ଅଭିନୟ ଦର୍ଶକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ଝିଅ ବିଦା ସମୟରେ ଚିତାକର୍ଷକ ହୃଦୟସ୍ପର୍ଶୀ ଅଭିନୟ, ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଆତ୍ମବିଭୋର ହୋଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ସମାଦେବୀ, ସାଇସ୍ମୃତି, ପ୍ରିୟଙ୍କା ସାହୁ, ସୁପ୍ରଭା ପ୍ରଧାନ, ମିରାରାଣୀ ସାହୁ, ପଲକ ରାଠୀ, ଦେବାବୃତି ପଟ୍ଟନାୟକ, ଶୁଭଶ୍ରୀ ଦାଶ, ଶ୍ରାବଣୀ ପାଢ଼ୀ, ପିହୁ ଶତପଥୀ, ପ୍ରୀତି ପ୍ରତ୍ୟୁଷା ମଲ୍ଲିକ, ଇତିଶ୍ରୀ ଓଝା, ମୋନିକା ଦାଶ ଓ ବିନୋଦ ଓଝାଙ୍କ ଅଭିନୟ ପ୍ରଶଂସିତ ହୋଇପାରିଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସାଂସ୍କୃତିକ କମିଟି ସଦସ୍ୟ ଦେବାଶିଷ ମିଶ୍ର, ସଂଗ୍ରାମ ଦାସ, ନିର୍ମଳ ନାୟକ, ସନ୍ତୋଷ ଦାସ, ପ୍ରଶାନ୍ତ ସାହୁ, ଦେବଦର୍ଶନ ଦାଶ, ଜିତେନ୍ଦ୍ର ସାହୁ, ସନ୍ତୋଷ ଚାଟାର୍ଜୀ ପ୍ରମୁଖ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଟାଏକୋଣ୍ଡୋରେ ଶୁଭଙ୍କରଙ୍କୁ ସ୍ୱର୍ଣ୍ଣ

ରାମଚନ୍ଦ୍ରପୁର,୮।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଗଡ଼ବାନ୍ଧଗୋଡ଼ା ଗ୍ରାମର ଆଇନଜୀବୀ ବିଚିତ୍ର ଚକ୍ରଙ୍କ ପୁଅ ଶୁଭଙ୍କର ସମର୍ଜିତ ଚକ୍ର କଟକସ୍ଥିତ ଇଣ୍ଡୋର୍ ଷ୍ଟାଡ଼ିୟମଠାରେ ଜାତୀୟ ଟାଏକୋଣ୍ଡୋ ସିନିୟର୍ ଇଭେଣ୍ଟରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଯୁବ କ୍ରୀଡ଼ା ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କଠାରୁ ପଦକ ଗ୍ରହଣ କରିଥିଲେ। ଏହାକୁ ନେଇ କେନ୍ଦୁଝର ଜିଲା କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଶୁଭଙ୍କରଙ୍କ ସଫଳତା ପାଇଁ ଚାରି ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶୁଭଙ୍କର ସଫଳତାର ଶ୍ରେୟ ମାତା, ପିତା ଓ ଗୁରୁ କ୍ରୀଡ଼ାବିତ ଚିନ୍ମୟ ବେହେରାଙ୍କୁ ଦେଇଛନ୍ତି।





# ଲୋକଙ୍କ ସମସ୍ୟା ବୁଝିଲେ ଏମ୍‌ପି

କେନ୍ଦୁଝର,୮।୭
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ନିର୍ବାଚନରେ ବିଜୟ ପରେ ସଂସଦୀୟ କ୍ଷେତ୍ରର ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ମୌଳିକ ସମସ୍ୟା ବୁଝୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସମର୍ଥକମାନଙ୍କ ସହିତ ପାଟଣା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅଧୀନ ଗାଁକୁ ଗସ୍ତ କରି ଲୋକଙ୍କ ଅସୁବିଧା ବୁଝିବା ସହିତ ନିର୍ବାଚନରେ ଲୋକମାନେ ବିଜୟୀ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ତାଙ୍କ ସମର୍ଥକ ଓ ଗ୍ରାମର ମହିଳାମାନେ ବନ୍ଦାପନା କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପାଟଣା ନିର୍ବାଚନ ମଣ୍ଡଳୀର କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱରେ କେନ୍ଦେଇପଶି ମଣ୍ଡଳର ସିଳିଦା, ଖୁଣ୍ଟାପ, ମୁରୁସୁଆଁ, ରାଜନଗର ଗ୍ରାମବାସୀ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପାନୀୟ ଜଳ, ଆବାସ, ରାସ୍ତା ପରି ସମସ୍ୟା ସମ୍ପର୍କରେ ଲୋକେ ଏମ୍‌ପିଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଂଯୋଜକ ସୁଦର୍ଶନ ମହାନ୍ତ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଭାଜପା ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାନେତ୍ରୀ ମମିତା ନାଏକ, ପ୍ରିୟବ୍ରତ ସିଂହ, ଦିଲୀପ ସେଠୀ, ବିଜୟ ଗାରଡ଼ିଆ, ପ୍ରକାଶ ଗାରଡ଼ିଆ, ଚତୁର୍ଭୁଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାଏକ ଓ ଅନ୍ୟମାନେ।

# ପୃଥକ୍ ଦୁର୍ଘଟଣାରେ ୨ ମୃତ

ପାଟଣା,୮।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରରୁ ରବିବାର ରାତିରେ ରଥଯାତ୍ରା ଦେଖି ଫେରୁଥିବା ସମୟରେ ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ସଦର ଥାନା ଦେଓବନ୍ଧ ଗ୍ରାମର ଫକୀର ନାଏକ(୪୫), ପାଟଣା ବ୍ଲକ୍ ନୂଆଖମକଣ ଗ୍ରାମର ଚକ୍ରଧର ମହାରଣା(୫୪)।

ସୂଚନା ଅନୁଯାୟୀ, ଫକୀର ରଥଯାତ୍ରା ଦେଖି ଚାଲି ଚାଲି ଘରକୁ ଫେରୁଥିଲେ। ପଛ ପଟରୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ଚକ୍ରଧର ଯାତ୍ରାଦେଖି ବାଇକ୍ ଯୋଗେ ଫେରୁଥିବା ବେଳେ ଚିଲିଦା ରାସ୍ତା ନୂଆଗାଁ ନିକଟରେ ଏକ ବାଇକ ପଛ ପଟକୁ ଧକ୍କା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ ଆରୋହୀ ଅଭୟ ନାଏକ ଗୁରୁତର ହୋଇଥିଲେ। ତୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସ୍‌ଆଇ ରସାନନ୍ଦ ନାଏକ କହିଛନ୍ତି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଚାରାରୋପଣ





କେନ୍ଦୁଝର,୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝର ଶାଖା ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ ସହ ଚାରାରୋପଣ କାର୍ଯ୍ୟକ୍ରମ ଜଂଘିରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ବିମ୍ବାଧର ବେହେରା, ସମ୍ପାଦକ ଅଧ୍ୟାପକ ବିଜୟ ସାହୁ, ସଦସ୍ୟ ସୁରେନ୍ଦ୍ର ନାଥ ଜେନା, ନାରାୟଣ ଚନ୍ଦ୍ର ବୋଇତାଇ, ଦିଲୀପ ଭୂୟାଁ, ଗିରିଧାରୀ ମହାନ୍ତ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଯୋଗଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଦୁଷ୍କର ଚନ୍ଦ୍ର ବାରିକ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ସେଠୀ ଓ ଦେବବ୍ରତ ସେଠୀ ସହାୟତା କରିଥିଲେ।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମୃତକଙ୍କ ପରିବାର ଲୋକେ।

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କେନ୍ଦୁଝର,୮।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବସନ୍ତପୁର ରେଲୱେ ଷ୍ଟେଶନଠାରୁ ୨ କି.ମି. ଦୂର କାଣ୍ଡେସର ଗ୍ରାମ ନିକଟ ରେଳ ଧାରଣା ନିକଟରୁ ଏକ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣଙ୍କ ଯାଜପୁର ଜିଲା କଳିଙ୍ଗନଗର ଥାନା ଶୁଳିଆ ଗ୍ରାମର ତରୁଣକାନ୍ତ ତନ୍ତି (୧୯)। ପ୍ରେମ ଜନିତ କାରଣରୁ ପୁଅକୁ ହତ୍ୟା କରାଯାଇ ରେଳ ଧାରଣାରେ ଫିଙ୍ଗିଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ତରୁଣକାନ୍ତ ଗତ ଜୁନ୍ ୨୨ ରୁ ନିଖୋଜ ଥିଲେ। ତାଙ୍କ ମା' ସୀତା ତନ୍ତି କଳିଙ୍ଗନଗର ଥାନାରେ ଜୁନ୍ ୩୦ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ସେ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଥିବା ପରିବାର ଲୋକ ସୂଚନା ପାଇ ଆସି ଖୋଜାଖୋଜି କରିଥିଲେ। ସେଠାରୁ ପଣ୍ଡାପଡ଼ା ଥାନା ଅନ୍ତର୍ଗତ କାଣ୍ଡେସର ଗ୍ରାମକୁ ଯାଇ ଖୋଜାଖୋଜି କରିଥିଲେ। ଜୁନ୍ ୨୬ ତାରିଖ ଦିନ ଫୋନ କରିବା ବେଳେ କାଣ୍ଡେସର ଗ୍ରାମର ଜନୈକ ବ୍ୟକ୍ତି ଫୋନ ଉଠାଇ ତରୁଣକାନ୍ତ କିଏ ଜାଣି ନ ଥିବା କହିଥିଲେ। ରବିବାର କାଣ୍ଡେସର ଗ୍ରାମ ନିକଟ ରେଳ ଲାଇନ ନିକଟରୁ ମୃତଦେହ ମିଳିଥିଲା। ରେଳବାଇ ପୋଲିସ ପ୍ରଥମେ ବସନ୍ତପୁର ସରପଞ୍ଚଙ୍କୁ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତେବେ କାଣ୍ଡେସର ଗ୍ରାମର ଜଣେ ଝିଅଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଥିଲା। ଏଣୁ ଝିଅର ବାହାଘର ହେଉଥିବା ଶୁଣି ଆସିଥିବା ଘର ଲୋକ କହିଛନ୍ତି। ଉକ୍ତ ଝିଅଙ୍କ ପରିବାର ଲୋକ ହତ୍ୟା କରି ଫିଙ୍ଗିଦେଇଥିବା ମୃତକଙ୍କ ମାମୁଁ ସୁରେଶ କୁମାର ଦାସ ପଣ୍ଡାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ. ୨୨୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୮ ଘର ଭାଙ୍ଗିଲେ ହାତୀପଲ



ପାଟଣା,୮।୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୪ ଟିକିଆ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ ଥମିବାରେ ନା ଧରୁନି। ହାତୀପଲ ଆତଙ୍କ ଖେଳାଇ ଏକର ଏକର ପରିମିତ ଖରାଟିଆ ଧାନ ଓ ପନିପରିବା ଚାଷ ନଷ୍ଟ କରିବା ସହ ଏଯାବତ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗି ସାରିଲେଣି। ରବିବାର ବିଳମ୍ବିତ ରାତିରେ ହାତୀପଲ ଉଦୟପୁର ବିଟ୍ ଅଧୀନ ବିଭିନ୍ନ ଗାଁରେ ପଶି ୬ ଘର ଭାଙ୍ଗିବା ସହ ରାଇଡିହା ବିଟ୍ ଧାନବେଣୀରେ ୨ ଘର ଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଉଦୟପୁର ବିଟ୍ ଟଭାସରୁଆର ହୃଦାନନ୍ଦ ମହାରଣା, ସୁଆଗପୁରର ଭୀମସେନ ମହାନ୍ତ, ଖୁଣ୍ଟାପଡ଼ାର ପରମେଶ୍ୱର ମୁଣ୍ଡା, ଭାନୁମତି ମୁଣ୍ଡା, ସୁକୁରା ମୁଣ୍ଡା, ବଲାଣି ପଶିର ମଞ୍ଜୁଲତା ନାଏକ, ଶୁକୁରା ନାଏକ, ରାଇଡିହା ବିଟ୍ ଧାନବେଣି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜଗନ୍ନାଥ ମହାନ୍ତଙ୍କ ଘର ଭାଙ୍ଗି ଦେଇଛନ୍ତି। ହାତୀପଲ ସୋମବାର ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜ ବଡ ଦେଉଳି ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବନମହୋତ୍ସବ

ଆନନ୍ଦପୁର,୮।୭(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ୭୫ତମ ବନ ମହୋତ୍ସବ ପାଳିତ ହୋଇଛି। ଏହି କ୍ରମରେ ଘଷିପୁରା ବ୍ଲକ୍ ଗୋହିରା ମିଲସାହି ଗ୍ରାମ୍ୟ ଜଙ୍ଗଲ ନିକଟରେ ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରି ଜନ ସାଧାରଣଙ୍କୁ ଚାରା ଲଗାଇ ଯତ୍ନନେବାକୁ ଅନୁରୋଧ କରିଥିଲେ।

# ଅବହେଳିତ ପୁରୁଣାସହର ଶ୍ମଶାନ

କେନ୍ଦୁଝର,୮।୭(ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ମହକୁମାର ପୁରାତନ ଓ ମୂଳ ଅଞ୍ଚଳ ଭାବେ ପରିଗଣିତ ପୁରୁଣା ସହର ଶ୍ମଶାନ ଅବହେଳିତ ହୋଇପଡ଼ିଛି। ଶ୍ମଶାନରେ ପାଚେରି ନ ଥିବାବେଳେ ଛୋଟ ଛୋଟ କଣ୍ଟା ଜାତୀୟ ଗଛରେ ଭର୍ତ୍ତି ହୋଇଛି। ରାସ୍ତାଠାରୁ ଶ୍ମଶାନ ବହୁ ତଳେ ଥିବାରୁ ଶବଦାହ କରିବାକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ଏହି ଶ୍ମଶାନ ଉପରେ ବିଶେଶ୍ୱରପୁର ଶାସନ, ନରସିଂହପୁର ଶାସନ, ଶିବନାରାୟଣପୁର ସାହି, ଭଟ୍ଟସାହି, ଗୁଜୁରୀ ବଜାର ଆଦି ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ନିର୍ଭର କରୁଛନ୍ତି। ମାତ୍ର ଶ୍ମଶାନରେ ଲାଇଟ୍ ସୁବିଧା ନ ଥିବାବେଳେ ଏବେ ଏକ ସୋଲାର ଲାଇଟ ଘରୋଇ ଉଦ୍ୟମରେ ଲଗାଯାଇଛି। ଅଦ୍ୟାବଧି ଶ୍ମଶାନର କେତେ ଜମି ରହିଛି ତାହା ସନ୍ଦେହ ଘେରରେ ରହିଛି। ଅଞ୍ଚଳର ଅଧିବାସୀ ଦଶରଥ ସାହୁ ଶ୍ମଶାନ ଜମି ଏବେ ବି ସରକାରୀ ଖାତାରେ ଶ୍ମଶାନ କିସମକୁ ପରିବର୍ତ୍ତନ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ପୌର ପ୍ରଶାସନ ଏହି ଶ୍ମଶାନ ପ୍ରତି ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି। ତୁରନ୍ତ ଏହାର କିସମ ପରିବର୍ତ୍ତନ ସହ ଏଠାରେ ସ୍ଥାୟୀ ପାଚେରି ନିର୍ମାଣ, ଆଲୋକ ବ୍ୟବସ୍ଥା, ବିଶ୍ରାମସ୍ଥଳ କରାଯିବା ସହ ଏହାକୁ ସହରର ଏକ ଆଦର୍ଶ ଶ୍ମଶାନରେ ପରିଣତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



# ବର୍ଷାର ଆଗମନରେ ମେଲିଲାଣି ଛତୁ ପସରା

କେନ୍ଦୁଝର,୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

## ରୁଟୁକା ଛତୁର ଚାହିଦା ଅଧିକ

ବର୍ଷା ହେଲେ ବଣ ଜଙ୍ଗଲରେ ବିଭିନ୍ନ ପ୍ରକାର ଛତୁ ଫୁଟେ। ବଜାରର ରାସ୍ତାକଡ଼ରେ ଛତୁ ପସରା ମେଲିଲାଣି। ସେ ମଧ୍ୟରୁ ରୁଟୁକା ଛତୁ ଅନ୍ୟତମ। ବିଶେଷକରି ବର୍ଷାଋତୁରେ ଏହି ଛତୁ ପଡ଼ିଆରେ ଫୁଟିଥାଏ। ପ୍ରାକୃତିକ ପରିବେଶରେ ଫୁଟୁଥିବା ଅନ୍ୟାନ୍ୟ ଛତୁ ମଧ୍ୟରେ ରୁଟୁକା ଛତୁର ଚାହିଦା ଗାଁଠାରୁ ଆରମ୍ଭ କରି ସହରରେ ରହିଛି। ତେଣୁ ସୁସ୍ୱାଦୁ ରୁଟୁକା ଛତୁ ଉପରେ ବ୍ୟବସାୟୀଙ୍କ ନଜର ରହିଥାଏ।

ବନବାସୀମାନେ ପାହାଡ଼, ଜମିବାଡ଼ିରୁ ଛତୁ ସଂଗ୍ରହକରି ବଜାରକୁ ପାଛିଆରେ ବୋହି ଆଣି ବିକ୍ରି କରିଥାନ୍ତି। ଏହାକୁ ବିକି ତେଲ, ଲୁଣ କିଣି ନେଇ ଘର ଚଳାନ୍ତି। ତେବେ ବ୍ୟବସାୟୀମାନେ ସେମାନଙ୍କଠାରୁ ମୂଲଚାଲ କରି ନେଇ ଅଧିକ ଦରରେ ବିକୁଥିବା ବେଳେ ବନବାସୀଙ୍କୁ ଉଚିତ ମୂଲ୍ୟ ମିଳେ ନାହିଁ ବୋଲି ଅବସରପ୍ରାପ୍ତ ଶିକ୍ଷକ ପ୍ରଣବ ରାଉତରାୟ କହିଛନ୍ତି। ପ୍ରଥମକରି ରୁଟୁକା ଛତୁ ବଜାରକୁ ଆସିଲେ ବ୍ୟବସାୟୀମାନେ ନିଜ ଅକ୍ତିଆରକୁ ନେଇଯାଇ କିଲୋ ୬ ରୁ ୭ ଶହ ଟଙ୍କାରେ ବିକ୍ରି କରିଥାନ୍ତି। ଧୀରେ ଧୀରେ ପରିମାଣରେ ହ୍ରାସ ହେଲେ ଏହାର ଦର କମିଥାଏ। ତେବେ କିଛିଦିନ ପରେ ଏହାର ଦାମ କମିଲେ ହେଁ କିଲୋ ୨ ଶହ ଟଙ୍କାରୁ କମେ ନାହିଁ। ସାଧାରଣତଃ ବନବାସୀ ଛତୁକୁ ପତ୍ରରେ ନିର୍ମିତ ଚଉତିରେ ଭାଗକରି ବିକ୍ରିକରିଥାନ୍ତି। ଚଉତି ସାଇଜ ଅନୁଯାୟୀ, ଦାମ ୨୦ ରୁ ୫୦ ଟଙ୍କାରେ ବିକ୍ରି ହୋଇଥାଏ। ଏହାକୁ ବ୍ୟବସାୟୀ କିଣି ନେଇ କଟକ, ଭୁବନେଶ୍ୱର ଆଦି ଅଞ୍ଚଳକୁ କିଲୋ ୧ ହଜାର ଓ ତା'ଠାରୁ ଅଧିକ ମୂଲ୍ୟରେ ବିକି ଲାଭବାନ୍ ହୋଇଥାନ୍ତି। ଜଙ୍ଗଲରେ ସାପ, ଭାଲୁ, ହାତୀ ଭୟ ଏବଂ ବହୁ ଖର୍ଚ୍ଚ କରି ସହରକୁ ବିକ୍ରି କରିବାକୁ ଆସିଥାନ୍ତି । କିନ୍ତୁ ବ୍ୟବସାୟୀ ସେମାନଙ୍କଠାରୁ ବହୁ କମ୍ ଦାମରେ କିଣି ନେଇଥାନ୍ତି। ଏହି ଟଙ୍କା ସିଧାସଳଖ ବନବାସୀଙ୍କ ପାଖକୁ ଗଲେ ସେମାନେ ଅଧିକ ଲାଭବାନ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଜଣେ ମହିଳା ରୁଟୁକା ଛତୁ ବିକ୍ରି କରୁଛନ୍ତି।

ରୁଟୁକା ଛତୁରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ଏହାକୁ କାଟି କୁଦୁରି, ଖଡ଼ା, ଶାଗ ଆଦି ପକାଇ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ସହ ଭଜା କରିଖାଇଥାନ୍ତି। ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ଛତୁର ଚାହିଦା ରହିଥିବା ଗୃହିଣୀ ଦେବସ୍ମିତା ସାହୁ କୁହନ୍ତି।

